Institute of
Media
Studies
ESTD. 1994

Institute of Media Studies
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

# ଆଇ.ଏମ୍. ଏସ୍.ରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ

## ଉତ୍କୃଷ୍ଟ ଶିକ୍ଷାରେ ସୃଜନଶକ୍ତି ଓ ନୂତନତାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର ୪/୮: ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡିଜ୍ (ଆଇ.ଏମ୍. ଏସ୍.) ଆନୁକୂଲ୍ୟରେ ବାର୍ଷିକ ପୁରସ୍କାର ବିତରଣ ଅବସରରେ "ଉତ୍କୃଷ୍ଟ ଶିକ୍ଷାରେ ସୃଜନଶକ୍ତି ଓ ନୂତନତାର ଭୂମିକା" ସଂପର୍କୀତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଭାପତି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ବର୍ତମାନର ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଷୟରେ ଅନେକ ନୂଆ ସମ୍ଭାବନା ସୃଷ୍ଟି ହୋଇଛି ବୋଲି ମତ ବ୍ୟକ୍ତ କରିଥିଲେ । ବିଗତ ଦଶନ୍ଧିରେ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ପ୍ରକାର ଦିଗ ଉନ୍ମୋଚିତ ହୋଇଥିବା ବେଳେ ଏହି ବିଭାଗର ଛାତ୍ର ଛାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି । ଯାହାର ସଦୁପଯୋଗ କରିବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟତମ ଅତିଥିଭାବେ ଯୋଗ ଦେଇ ରାଜ୍ୟ ମହିଳା ବିକାଶ କେନ୍ଦ୍ରର ପ୍ରକଳ୍ପ ସଂଯୋଜିକା ଡଃ. ଅମ୍ରିତା ପଟେଲ୍ କହିଥିଲେ ଯେ ଉତ୍କୃଷ୍ଟ ଶିକ୍ଷା ଏକ ଧାରାବାହିକ ପ୍ରକ୍ରିୟା ଯାହା ବ୍ୟକ୍ତିର ଜ୍ଞାନର ଗନ୍ତାଘରକୁ ପରିବ୍ୟାପ୍ତ କରିବା ସହିତ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ । ମାତ୍ର ଦୁଃଖର ବିଷୟ ଯେ ରାଜ୍ୟର ମହିଳା ବିଶେଷ କରି ଛାତ୍ରୀମାନେ ଏହାକୁ ଶିକ୍ଷାବୃତିରେ ଆପଣେଇବାରେ ବିଫଳ ହେଉଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ପିତାମାତାଙ୍କର ଝିଅ ମାନଙ୍କୁ ଶୀଘ୍ର ବିବାହ କରାଇବା ମାନସିକତା ଓ ଆମର ଦୁର୍ବଳ ଶିକ୍ଷା ବ୍ୟବସ୍ଥା । ଏହାକୁ ଦୁର କରିବାକୁ ହେଲେ ଛାତ୍ରୀମାନେ ସଚେତନ ହେବା ସହ ସମାଜରେ ଲିଙ୍ଗଗତ ପ୍ରଭେଦ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହେବା ଜରୁରୀ ବୋଲି ସେ ତାଙ୍କ ବକ୍ତବ୍ୟରେ ଯୁକ୍ତି ଉପସ୍ଥାପନ କରିଥିଲେ ।

ଏହି ଅବସରରେ ଅନୁଷ୍ଠାନର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ପୁସ୍ତିକା ଓ ପତ୍ରିକା "ଦି ମାସ କମ୍ ଡଟ." ର ଉନ୍ମୋଚିତ ହୋଇଥିଲା । ସେହିପରି ବାର୍ଷିକ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ନିଉ ଇଣ୍ଡିଆ ଆସ୍ୟୁରାନ୍ସ୍ କର୍ପୋରେସନର ଭୁବନେଶ୍ୱର ଶାଖା ପରିଚାଳକ ସଂଜିବ କୁମାର ନାୟକ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

**ନିର୍ଦ୍ଦେଶକ**